ବାତ୍ୟା ମୁକାବିଲା ପ୍ରସ୍ତୁତି

# ସମୀକ୍ଷା କଲେ ବରିଷ୍ଠ ଅଧିକାରୀ


ବୈଠକରେ ବରିଷ୍ଠ ଅଧିକାରୀ ତ୍ରିଲୋଚନ ମାଝୀ, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ,୨୩।୧୦(ସନାତନ ରାଉତ)

ବାତ୍ୟା 'ଦାନା' ଭଦ୍ରକ ଜିଲାର ଧାମରା ଓ କେନ୍ଦ୍ରାପଡ଼ା ଜିଲାର ଭିତରକନିକା ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭଦ୍ରକ ଜିଲାରେ ବାତ୍ୟାର ପ୍ରଭାବ ଅଧିକ ମାତ୍ରାରେ ହେବାର ଆକଳନ କରାଯାଇଛି। ମଙ୍ଗଳବାର ଅପରାହ୍ନ ୩ଟା ୩୦ରୁ ଭଦ୍ରକରେ ସାମାନ୍ୟ ପବନ ସହ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଜିଲାରେ ବାତ୍ୟା ମୁକାବିଲାର ପ୍ରସ୍ତୁତି ଓ ରୂପରେଖର

## ଆରମ୍ଭ ହୋଇଗଲାଣି ବର୍ଷା

ସମୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ଅଧିକାରୀ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଭଦ୍ରକର ପୂର୍ବତନ ଜିଲାପାଳ ତ୍ରିଲୋଚନ ମାଝୀ ବୁଧବାର ପହଞ୍ଚି ସମୀକ୍ଷା କରିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସମସ୍ତ ସୁପରଭାଇଜିଂ ଅଧିକାରୀଙ୍କୁ ନେଇ ସମୀକ୍ଷା କରାଯାଇଛି। ବାତ୍ୟା ପାଇଁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା, ଆଶ୍ରୟସ୍ଥଳୀରେ ପାନୀୟ ଜଳ, ଶୌଚାଳୟ, ଖାଦ୍ୟ ମହଜୁଦ, ପ୍ରାଥମିକ ଚିକିତ୍ସା, ଜେନେରେଟର ଆଦି ବ୍ୟବସ୍ଥାର ପ୍ରସ୍ତୁତି ନେଇ ବରିଷ୍ଠ ଅଧିକାରୀ ସମୀକ୍ଷା କରିଥିଲେ। ପ୍ରତି ପଞ୍ଚାୟତ ଓ ଗ୍ରାମରେ ଏବଂ ଆଶ୍ରୟସ୍ଥଳୀରେ ନୋଡାଲ ଅଫିସର ନିଯୁକ୍ତ, ସେମାନଙ୍କ ଯୋଗାଯୋଗ ନମ୍ବର ଅବଗତ କରାଇବା ପାଇଁ ଗୁରୁତ୍ୱ ଦେଇଥିଲେ। ବାତ୍ୟା ସମୟ ଓ ପରବର୍ତ୍ତୀ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଧାମରା, ବାସୁଦେବପୁର ବ୍ଲକ ଓ ପୌରପାଳିକା ପାଇଁ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଧାମନଗର ବ୍ଲକ ଓ ଏନ୍ଏସି ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଚାନ୍ଦବାଲି ବ୍ଲକ ଓ ଏନ୍ଏସି ଲାଗି ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ସୁପରଭାଇଜିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସେହିପରି ବାସୁଦେବପୁର ବ୍ଲକ ଓ ପୌରପାଳିକା ନିମନ୍ତେ ପୂର୍ବତନ ଉପଜିଲାପାଳ ତଥା ବର୍ତ୍ତମାନ ରୋଟିର ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ର, ଭଦ୍ରକ ବ୍ଲକ ଓ ପୌରପାଳିକା ଲାଗି ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ତିହିଡ଼ି ବ୍ଲକ ପାଇଁ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ବନ୍ତ ବ୍ଲକ ଲାଗି ସହକାରୀ ଜିଲାପାଳ ତନ୍ମୟ କୁମାର ଜେନା, ଭଣ୍ଡାରିପୋଖରୀ ବ୍ଲକ ପାଇଁ ସହକାରୀ ଜିଲାପାଳ ଖଗେଶ୍ୱର ବରାଳ ସୁପରଭାଇଜିଂ ଅଧିକାରୀ ଭାବେ ନିୟୋଜିତ ଅଛନ୍ତି। ସମସ୍ତ ସୁପରଭାଇଜିଂ ଅଧିକାରୀ ନିୟୋଜିତ ହୋଇଥିବା ସ୍ଥାନକୁ ଗସ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ପହଞ୍ଚିଥିବା ୩ଟି ଏନ୍ଡିଆର୍ଏଫ୍, ୬ଟି ଅଗ୍ନିଶମ ବାହିନୀ ଓ ୬ଟି ଓଡ୍ରାଫ୍ ସବ୍ ଟିମ୍‌କୁ ଚାନ୍ଦବାଲି, ଧାମରା, ଧାମନଗର ଆଦି ଅଞ୍ଚଳକୁ ପଠାଯାଇଛି।

# ସମୁଦ୍ର ତଟବର୍ତ୍ତୀ, ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ


ସମୀକ୍ଷା ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍ପି ଅଭିମନ୍ୟୁ ସେଠୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀ।

ବାସୁଦେବପୁର,୨୩।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ କନ୍ଫରେନ୍ସ ହଲ୍‌ରେ ବୁଧବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଜିରୋ କାଜୁଆଲିଟି ଉପରେ ସରକାର ଓ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଇଥିବା ସହ ସମୁଦ୍ର ତଟବର୍ତ୍ତୀ ଓ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳ ଓ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ମନ୍ତ୍ରୀ କହିଥିଲେ। ବାତ୍ୟା ଆଶ୍ରୟ ସ୍ଥଳ, ରେଡ୍‌କ୍ରସ ସେଣ୍ଟର ଓ ସ୍କୁଲଗୁଡ଼ିକ ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଖୋଲା ରଖାଯାଇଛି ବୋଲି କହିଥିଲେ।

ବୈଠକରେ ଏମ୍ପି ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ଏସ୍‌ଡିପିଓ ସୌରଭ ଓତା, ମେଡିକାଲ ଅଫିସର ଡା. ସୁଶାନ୍ତ ସାମନ୍ତ, ବିଇଓ ଜଗବନ୍ଧୁ ସାହୁଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ। ବୁଧବାର ବାସୁଦେବପୁରରେ ପହଞ୍ଚିଥିବା ଓଡ୍ରାଫ୍ ଟିମ୍‌କୁ ୩ ଭାଗ କରାଯାଇ ନାୟକାଣିଡିହୀ, ଚୁଡ଼ାମଣି ଓ କଷିଆ ଅଞ୍ଚଳକୁ ପଠାଯାଇଛି।

# ଅଧିକ ଦରରେ ବିକ୍ରିକଲେ କାର୍ଯ୍ୟାନୁଷ୍ଠାନ: ଉପଜିଲାପାଳ

## କଳାବଜାର ରୋକିବାକୁ ପ୍ରଶାସନର ଚଢ଼ାଉ

ଭଦ୍ରକ,୨୩।୧୦(ସନାତନ ରାଉତ/ରବିନାରାୟଣ ଖିଲାର)

ସମ୍ଭାବ୍ୟ ବାତ୍ୟା ପାଇଁ ଆଳୁ, ପିଆଜ, ପରିବା ଦରରେ କଳାବଜାର ଓ ଚଢ଼ାଦରରେ ବିକ୍ରି ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଭଦ୍ରକ ସହରର ବିଭିନ୍ନ ଗୋଦାମ ଓ ପରିବା ବଜାରରେ ଚଢ଼ାଉ କରାଯାଇଛି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସହ ଅଧିକାରୀ ଶରତ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ କଚେରି ବଜାର, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ପରିବା ମାର୍କେଟ୍, ବିସ୍‌ମିଲ୍‌ହା ଆଳୁ ଗୋଦାମ, ଆରଡ଼ିଛକ ଆଳୁ ଗୋଦାମରେ ଚଢ଼ାଉ କରି ଦର ଓ ଷ୍ଟକ୍ ଯାଞ୍ଚ କରିଥିଲେ। ରିଟେଲର ଦର ଓ ଖାଉଟି ଦରର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଅଧିକ ଦରରେ ବିକ୍ରି କଲେ କିମ୍ବା କୃତ୍ରିମ ଅଭାବ ସୃଷ୍ଟି କରିବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଚେତାବନୀ ଦେଇଛନ୍ତି। ଆସନ୍ତା ୨/୩ ଦିନ ପାଇଁ ଆବଶ୍ୟକୀୟ ଆଳୁ, ପିଆଜ ଗୋଦାମରେ ମହଜୁଦ ଅଛି ବୋଲି ଉପଜିଲାପାଳ କହିଛନ୍ତି।


ବିସ୍‌ମିଲ୍‌ହା ଆଳୁ ଗୋଦାମରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ ଯାଞ୍ଚ କରୁଛନ୍ତି।


ଧାମରା ଚନ୍ଦନିପାଳ ଜେଟିଠାରେ ମତ୍ସ୍ୟଜୀବୀମାନେ କୂଳକୁ ଫେରି ଆସିବା ପାଇଁ କୂଳ ମତ୍ସ୍ୟ ବିଭାଗ ପକ୍ଷରୁ ମାଇକ୍ ଦ୍ୱାରା ଘୋଷଣା କରାଯାଉଛି।

# ବୁଲିଲା ସ୍କ୍ୱାଡ୍: ଦୋକାନୀଙ୍କୁ ତାଗିଦ

ବନ୍ତ,୨୩।୧୦(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର କେତେକ ସ୍ଥାନରେ ଆଳୁ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଉଭାନ ହୋଇଯାଇଥିବା ଦେଖାଯାଇଛି। କେତେକ ସ୍ଥାନରେ କିଲୋ ପିଛା ଦର ୪୦ରୁ ୫୦ ଟଙ୍କା ନିଆଯାଉଥିବା ବେଳେ ଆଉ କେତେକ ସ୍ଥାନରେ ଟଙ୍କା ଦେଲେ ମଧ୍ୟ ଆଳୁ ମିଳୁ ନ ଥିବା ଦେଖିବାକୁ ମିଳିଛି। କଳାବଜାରକୁ ରୋକିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏକ ସ୍କ୍ୱାଡ୍ ବୁଲି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସାଧାରଣ ଲୋକଙ୍କୁ ଉଚିତ୍ ଦରରେ ସାମଗ୍ରୀ ଯୋଗାଇ ଦେବାକୁ ଦୋକାନୀମାନଙ୍କୁ ତାଗିଦ୍ କରାଯାଇଛି।

ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଜନପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରାଯାଇଛି। ବିଡିଓ ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ବାତ୍ୟା ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଲୋକଙ୍କର ଯେପରି କିଛି ଅସୁବିଧା ନ ହୁଏ, ସେଥିପ୍ରତି ଅଧିକାରୀ ଓ କର୍ମଚାରୀ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଗୃହ ସମେତ ଅତିରିକ୍ତ ଭାବେ ରୂପାନ୍ତରିତ ଓ ଅନ୍ୟ ପକ୍କାଘର ବିଦ୍ୟାଳୟକୁ ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଲୋକଙ୍କୁ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ପାନୀୟ ଜଳ ଯୋଗାଇ ଦେବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ତହସିଲଦାର ସାରା ହେମ୍ବ୍ରମ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ୧୦୩ ବିଦ୍ୟାଳୟ ହେଲା ଅସ୍ଥାୟୀ ଆଶ୍ରୟସ୍ଥଳ

ଭଣ୍ଡାରିପୋଖରୀ,୨୩।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୨୩ ପଞ୍ଚାୟତର ୧୦୩ଟି ବିଦ୍ୟାଳୟକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ଏଥିସହ ମଣିନାଥପୁର, ଜଳହରି ଓ ବନ୍ଦାଲୋ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ୩ଜଣ ଆସନ୍ନ ପ୍ରସବାଙ୍କୁ ଚିକିତ୍ସା ପାଇଁ ପ୍ରଶାସନ ମେଡିକାଲକୁ ନେଇଛି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଭଣ୍ଡାରିପୋଖରୀରେ ଆସି ପହଞ୍ଚିଛି। ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ସଞ୍ଜୀବ ମଲ୍ଲିକ, ବିଡିଓ ଦାଶ, ତହସିଲଦାର ସରୋଜକାନ୍ତ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଥାନାଧିକାରୀ ବିରେନ୍ଦ୍ର ନାୟକ ପ୍ରମୁଖ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ମଣ୍ଡଳ ସଭାପତି ଗିରିଶ ସାମଲ ପ୍ରମୁଖ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ନେଇ ଆଲୋଚନା କରିବା ସହ ପ୍ରଶାସନିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି।


ଭଣ୍ଡାରିପୋଖରୀରେ ପହଞ୍ଚିଥିବା ଅଗ୍ନିଶମ ଟିମ୍।

# ପୂର୍ବଶତ୍ରୁତାରୁ ଆକ୍ରମଣ, ୨ ଗୁରୁତର

ଆଗରପଡ଼ା,୨୩।୧୦(ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ଗ୍ରାମରେ ମଙ୍ଗଳବାର ରାତିରେ ପୂର୍ବଶତ୍ରୁତାରୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ୨ ଗୁରୁତର ହେଲେ ଗ୍ରାମର କିଶୋର ଯେନା(୩୨) ଓ ଅଭିନ୍ନ ଯେନା(୩୦)। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଉଭୟ ପକ୍ଷରୁ ଅଭିଯୋଗକ୍ରମେ ଆଗରପଡ଼ା ଥାନାରେ ୨ଟି ମାମଲା (ନଂ.୨୦୫/୨୪ ଓ ୨୦୬/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦୁଇ ପରିବାର ମଧ୍ୟରେ ପୂର୍ବରୁ ପାରିବାରିକ ଶତ୍ରୁତା ଥିଲା। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କିଶୋର ଓ ଅଭିନ୍ନ ଗୁରୁତର ହୋଇଥିବା ବେଳେ ଅଭିନ୍ନଙ୍କ ବାପା ଦୀନବନ୍ଧୁ ଆହତ ହୋଇଛନ୍ତି। ଖବରପାଇ ଆଗରପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପତି ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ପୋଲିସ ଗାଡ଼ିରେ ନେଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଦୋକାନ, ଗୋଦାମରେ ଚଢ଼ାଉ

ଚାନ୍ଦବାଲି,୨୩।୧୦(କିଷାନ ପାତ୍ର)

ବାତ୍ୟା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଗୋଦାମ ଓ ବିଭିନ୍ନ ଦୋକାନରେ ଯୋଗାଣ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ମନୋଜ ଶର୍ମା ଓ ଚାନ୍ଦବାଲି ଯୋଗାଣ ବିଭାଗ ଟିମ୍ ସହ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ, ଏନ୍ଏସି ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ବଜାରର ଅତ୍ୟାବଶ୍ୟକ ସାମଗ୍ରୀ ଗୋଦାମ ଓ ଦୋକାନଗୁଡ଼ିକରେ ଚଢ଼ାଉ କରିଛନ୍ତି। ଦର ବୃଦ୍ଧି ନ କରିବା ପାଇଁ ଗୋଦାମ ମାଲିକମାନଙ୍କୁ ତାଗିଦ୍ କରାଯାଇଛି। ପ୍ରତ୍ୟେକ ଦୋକାନ ଆଗରେ ରେଟ୍ ଚାର୍ଟ ମାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ କହିଛନ୍ତି।

# ଥଇଥାନ ହେବେ ୩ ହଜାର ଲୋକ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ତିହିଡ଼ି,୨୩।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳରୁ ଗୁରୁବାର ସୁଦ୍ଧା ୩ହଜାର ଲୋକଙ୍କୁ ଥଇଥାନ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ୨ଶହ ଲୋକଙ୍କୁ ଥଇଥାନ କରାଯାଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ୯ଜଣ ଗର୍ଭବତୀ ମହିଳାଙ୍କୁ ଆଣି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ମୋଟ ୪୦ଜଣଙ୍କୁ ଅଣାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି ସୂଚନା ଦେଇଥିଲେ। ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନୋଡାଲ ଅଫିସର କୁଶଳ କୁମାର ନାୟକ ସୂଚନା ଦେଇଥିଲେ ଯେ, ବ୍ଲକର ୬ଟି ବାତ୍ୟା ଆଶ୍ରୟସ୍ଥଳ ଓ ୧୦୧ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ୩ ହଜାର ଲୋକଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ହୋଇଛି। ଆଶ୍ରୟସ୍ଥଳରେ ବୁଧବାର ଶୁଖିଲା ଖାଦ୍ୟ ଭାବେ ଚୂଡ଼ା ଓ ଗୁଡ଼ ଏବଂ ଗୁରୁବାରଠାରୁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯିବ। ଏହାବ୍ୟତୀତ ଶିଶୁମାନଙ୍କ ପାଇଁ ଛତୁଆ ବ୍ୟବସ୍ଥା ହୋଇଛି। ଆଶ୍ରୟସ୍ଥଳରେ ଜେନେରେଟର ଓ ପାନୀୟଜଳ ବ୍ୟବସ୍ଥା ସହ ପାଣି ପାଉଚ ମଧ୍ୟ ଯୋଗାଇ ଦିଆଯାଇଛି। ମୁକାବିଲା ପାଇଁ ୧୧ ନୋଡାଲ ଅଫିସରଙ୍କ ସହ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଅତିରିକ୍ତ ନୋଡାଲ ଅଫିସର ନୋୟୋଜିତ ଥିବା ବିଡିଓ ଜ୍ୟୋତିର୍ମୟ କର କହିଥିଲେ। ବୈଠକରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମାନସ କୁମାର ଜେନା, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରାକାର ଜେନା, ଅଗ୍ନିଶମ ବିଭାଗ ଅଧିକାରୀ ଅନନ୍ତ ପ୍ରସାଦ ବେହେରା, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ବେହେରା, ମାନସୀ ମହାପାତ୍ର, ଜିପିଓ ପ୍ଲାବନ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକର ସମସ୍ତ ଅଧିକାରୀ ସଜାଗ ରହିବେ: ମନ୍ତ୍ରୀ

ଧାମନଗର/ଦୋବଲ,୨୩।୧୦ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ/ମଦନ ମୋହନ ଦାସ)


ସମୀକ୍ଷା ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ସମୀକ୍ଷା କରିଛନ୍ତି। ଶୂନ ମୃତ୍ୟୁ ସହ ଶତପ୍ରତିଶତ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି ବୋଲି ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି। ବ୍ଲକର ସମସ୍ତ ବିଭାଗ ସଜାଗ ରହିବା ସହ ମୁଖ୍ୟତଃ ପିଇବା ପାଣି, ଶୁଖିଲା ଖାଦ୍ୟ, ବିଦ୍ୟୁତ୍, ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର, ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ଆଦି ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକ ସ୍ଥଳେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକରେ ଥିବା ୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ଆବଶ୍ୟକ ସରଞ୍ଜାମ ଠିକ୍ ଭାବେ ପ୍ରସ୍ତୁତ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତର ଦୁଇଜଣ ଲେଖାଏ ନୋଡାଲ ଅଫିସର ନିଯୁକ୍ତି ଦିଆଯିବା ସହ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ରହି ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋଖାଦ୍ୟ ଯୋଗାଇ ଦେବାକୁ ପ୍ରାଣୀ ସମ୍ପଦ ଅଧିକାରିଣୀଙ୍କୁ କହିବା ସହ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗର୍ଭବତୀଙ୍କୁ ଆଗୁଆ ଡାକ୍ତରଖାନାରେ ଭର୍ତ୍ତି

ବିଭିନ୍ନ ଗ୍ରାମରୁ ୩୨ଜଣ ଗର୍ଭବତୀଙ୍କୁ ପ୍ରଶାସନ ପକ୍ଷରୁ ଆଗୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମନ୍ତ୍ରୀ ଏନ୍ଡିଆର୍ଏଫ୍ ଟିମ୍ ଏବଂ ଅଗ୍ନିଶମ ବିଭାଗ ସହ ଆଲୋଚନା କରି ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର, ସ୍ଥାନାନ୍ତର କରାଯିବା ନେଇ ଆଲୋଚନା କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟ ଖୋଲା ରହିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହିବାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନ ବିହାରୀ ଦିଣ୍ଡା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଜିଲା ପରିଷଦ ପ୍ରତିନିଧି ପ୍ରତାପ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବାତ୍ୟା ସମ୍ପର୍କରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସହ ବିଡିଓ କୌଣସି ଆଲୋଚନା ନ କରିବାରୁ କିଛି ସମୟ ହୋହଲ୍ଲା ହୋଇଥିଲା। ପରେ ବିଡିଓ ବ୍ଲକର ସମସ୍ତ ଲୋକପ୍ରତିନିଧିଙ୍କ ସହ ବାତ୍ୟା ସମ୍ପର୍କିତ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ, ନିରାପଦ ଆଶ୍ରୟସ୍ଥଳୀ ଓ ସ୍କୁଲ ଘର ବୁଲି ଦେଖିଛନ୍ତି।

**ବାଣ ଜବତ ଘଟଣା: ବ୍ୟବସାୟୀ କୋର୍ଟଚାଲାଣ**

ରାମଚନ୍ଦ୍ରପୁର,(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦନା ବଜାରରୁ ପୋଲିସ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ ଘଟଣାରେ ବୁଧବାର ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରିଛି। କେନ୍ଦୁଝର ଏସ୍‌ପି କୁଶଲକର ନୀତିନ ଡ଼ାଗୁଡୁ ଓ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ରପୁର ପୋଲିସ ପଦନା ବଜାରରେ ଚଢ଼ାଉ କରିଥିଲା। ଘଟଣାରେ ଦୋକାନୀ ନରୋତ୍ତମ ସାହୁ (୪୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

**କେନ୍ଦୁଝର**

## ସଂକ୍ଷେପରେ

### ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସିର ତାଲିମ ଶିବିର

କେନ୍ଦୁଝର,୨୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରର ପୁରୁଣା ସହରସ୍ଥିତ ଓଏସ୍‌ଏପି ବାଟାଲିୟନ ପରିସରରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝରର ବାର୍ଷିକ ୧୦ ଦିନିଆ ତାଲିମ ଶିବିର ଆୟୋଜିତ ହେଉଛି। ୬ଷ୍ଠ ଦିବସରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ନିଜର ଏନ୍‌ସିସି ସମୟର ପୂର୍ବ ଅନୁଭୂତି ପ୍ରଦାନ କରିଥିଲେ। ସମାଜ ପ୍ରତି କ୍ୟାଡେଟ୍‌ଙ୍କ କର୍ତ୍ତବ୍ୟ, ଭଲ ସମରିଟାନ ସମ୍ବନ୍ଧରେ ଅବଗତ କରିବା ସହିତ ସମୟର ସଦୁପଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ଅନଲାଇନ ଗେମ ଏବଂ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ଅତିବାହିତ ନ କରିବାକୁ ପରାମର୍ଶ ଦେଇଥିଲେ। ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି, କେନ୍ଦୁଝରର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେଙ୍କ ଅଧ୍ୟକ୍ଷତାରେ ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ ମଞ୍ଚାସୀନ ହୋଇ କ୍ୟାଡେଟ୍‌ଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ପାଖାପାଖି ୬୦୦ କ୍ୟାଡେଟ୍ ପ୍ରଶିକ୍ଷଣ ନେଉଛନ୍ତି। ଲେଫ୍ଟନାଣ୍ଟ ଦୀପକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ମଙ୍ଗଳବାର ଶିବିରରେ କେନ୍ଦୁଝର ଜିଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ଯୋଗଦେଇ ଉପାଦେୟ ଉପଦେଶ ଦେଇଥିଲେ।

### ରାଇଡ଼ିହା ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ଖାରଜ

ପାଟଣା,୨୩।୧୦(ବୀରକିଶୋର ଦାଶ) କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ରାଇଡ଼ିହା ପଞ୍ଚାୟତର ସରପଞ୍ଚ ବିଜୁ ନାଏକଙ୍କ ବିରୋଧ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ତାଙ୍କ ବିରୋଧରେ ପଞ୍ଚାୟତର ନାଏବ ସରପଞ୍ଚ ନମିତା ମହାନ୍ତଙ୍କ ସମେତ ୮ ଜଣ ୱାର୍ଡ ମେମ୍ବର ସେପ୍ଟେମ୍ବର ୧୦ରେ କେନ୍ଦୁଝର ଉପ ଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲେ। ବୁଧବାର ଭୋଟ ଗ୍ରହଣ ଥିବା ବେଳେ ଦୁଇ ତୃତୀୟାଂଶ ସଭ୍ୟାସଭ୍ୟଙ୍କ ଅନୁପସ୍ଥିତି ଯୋଗୁ ଅନାସ୍ଥା କାଟ ଖାଇଥିଲା। ସୂଚନା ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟରେ ବିଜୁଙ୍କ ବିରୋଧରେ ଆଗତ ଅନାସ୍ଥା ଭୋଟ ଗ୍ରହଣ କରାଯିବା ପାଇଁ ନୋଟିସ୍ ଜାରି ହୋଇଥିଲା। ପ୍ରିଜାଡିଂ ଅଫିସର ଭାବେ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁ, ମାଜିଷ୍ଟ୍ରେଟ ଭାବରେ ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ, ଜିଲା ପଞ୍ଚାୟତ ଅଧିକାରୀ ସଂଗ୍ରାମ କେଶରୀ ପରିଡ଼ା, ଜିପିଇଓ ଅନ୍ତର୍ଯ୍ୟାମୀ ସେଠୀ ପ୍ରମୁଖ ରହି ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ସରପଞ୍ଚଙ୍କ ସମେତ ୧୨ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୬ ଜଣ ୱାର୍ଡ ମେମ୍ବର ରାଇଡିହା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚ ବିଜୁ ନାଏକଙ୍କ ସହ ୬ ଜଣ ୱାର୍ଡ ସଭ୍ୟାସଭ୍ୟ ମତଦାନ କେନ୍ଦ୍ରକୁ ଆସି ନ ଥିଲେ। ଫଳରେ ଦୁଇ ତୃତୀୟାଂଶ ସଭ୍ୟାସଭ୍ୟ ତଥା ୮ଜଣ ଉପସ୍ଥିତ ନ ଥିବାରୁ କୋରମ ଅଭାବରୁ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହେଲା ବୋଲି ପ୍ରିଜାଡିଂ ଅଫିସର କହିଛନ୍ତି।

### ପ୍ରଶାସନିକ ସେବା ପରୀକ୍ଷାରେ କୃତୀ ସୌମ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର,୨୩।୧୦ (ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ମଙ୍ଗଳପୁର ଗ୍ରାମର ଶିକ୍ଷାବିତ ତଥା ଜଳସୁଆଁ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅକ୍ଷୟ ଦାସ ଓ ପତ୍ନୀ ଗୀତାମଞ୍ଜରୀ ଦାସଙ୍କ ବଡ ପୁଅ ସୌମ୍ୟରଞ୍ଜନ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ ୧୫୧ ନଂ. ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୌମ୍ୟଙ୍କ ଏହି ସଫଳତା ପାଇଁ ବୁଧବାର ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସାମାଜିକକର୍ମୀ ଦେବପ୍ରିୟ ପାତ୍ର, ହରିଡ଼ାପାଳ ପଞ୍ଚାୟତର ସରପଞ୍ଚ ମିନତୀ ମହାରଣା, ଧରଣୀଧର ପଣ୍ଡା, ସାମାଜିକକର୍ମୀ ସୁମନ୍ତ ମହାରଣା, ଶରତ ସାହୁ, କ୍ଷୀରୋଦ ଦାସ, ମନୋଜ ଦାସ, ହିମାଂଶୁ ଶେଖର ସାହୁ, ସୁଧୀର ପଣ୍ଡା ଏବଂ ଶରତ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉପଢ଼ୌକନ ଏବଂ ପରସ୍ପରକୁ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ସୌମ୍ୟଙ୍କ ଏହି ସଫଳତା ପାଇଁ ସେ ପଢୁଥିବା ଟୋଲଙ୍କପଡ଼ା ହାଇସ୍କୁଲ ଶିକ୍ଷକଙ୍କ ସମେତ ମଙ୍ଗଳପୁର ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ‘ଦାନା’ ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

କେନ୍ଦୁଝର,୨୩।୧୦(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ଉପକୂଳ ଆଡ଼କୁ ମାଡ଼ି ଆସୁଥିବା ବାତ୍ୟା ପ୍ରଭାବରେ ଜିଲାର ଅନେକ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଏବଂ ୨୫ ତାରିଖରେ କେନ୍ଦୁଝର ଜିଲା ପାଇଁ ଯଥାକ୍ରମେ ଅରେଞ୍ଜ ଓ ରେଡ ୱାର୍ଣ୍ଣିଙ୍ଗ ଜାରି କରିଛି। ଏହାକୁ ଆଖି ଆଗରେ ରଖି ବାତ୍ୟାର ସଫଳ ମୁକାବିଲା ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଜିଲାର ୪ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଏହା ବ୍ୟତୀତ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳର ୨୪୦ ଗୋଟି ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଭାବେ ରୂପାନ୍ତରିତ କରାଯାଇଛି।

### ଜରୁରିକାଳୀନ ହେଲ୍ପଲାଇନ ନମ୍ବର ଜାରି

କେନ୍ଦୁଝର: ୨୩.୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ): ଓଡ଼ିଶା ଉପକୂଳ ମୁହାଁ ବାତ୍ୟା ଦାନା ଦ୍ୱାରା କେନ୍ଦୁଝର ଜିଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଭାବେ ହେଲ୍ପଲାଇନ ନମ୍ବର ୦୬୭୬୬-୨୫୫୪୩୭ ଓ ୭୬୫୭୦୬୬୦୯୯ ( ୦୬୭୬୬ - ୨୫୫୪୩୭ ଓ ୭୬୫୭୦୬୬୦୯୯ ) ଜାରି କରାଯାଇଛି। ଦୁଇ ନମ୍ବର ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ବାତ୍ୟା ଦାନା ଯୋଗୁ ପ୍ରଭାବିତ ହୋଇ ଅସୁବିଧାରେ ପଡ଼ିଥିବା ଯେକୌଣସି ବ୍ୟକ୍ତି ଉକ୍ତ ନମ୍ବରରେ କଲ କରି ପ୍ରଶାସନର ସାହାଯ୍ୟତା ନେବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

ସବୁ ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ ସୁବିଧା ସମେତ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ, ନବଜାତ ଶିଶୁ ଏବଂ ଗର୍ଭବତୀ ଓ କ୍ଷୀର ଖୁଆଉଥିବା ମା'ଙ୍କ ନିମନ୍ତେ ଖାଦ୍ୟ, ଆଶୁ ଚିକିତ୍ସା ଔଷଧ ମହଜୁଦ ରଖାଯାଇଛି। ତଳିଆ ଓ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନନ୍ଦପୁରଠାରେ ୩ ଅଫିସର ଓ ୩୧ ଯବାନଙ୍କୁ ନେଇ ଗଠିତ ଏନ୍‌ଡିଆରଏଫ ଟିମ ମୁତୟନ ରହିଥିବା ବେଳେ ୧୫ ଗୋଟି ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ରହିଛନ୍ତି। ୯୫୯ ଜଣ ଗର୍ଭବତୀ ମହିଳାଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଏବଂ ପରବର୍ତ୍ତୀ କାଳରେ ବିଦ୍ୟୁତ୍ ସରବରାହ ସାମାନ୍ୟ ରଖିବା ପାଇଁ ୯୮ଟି ଟିମ୍ ପ୍ରସ୍ତୁତ ହୋଇ ରହିଛନ୍ତି। ଟେଲିଫୋନ୍ ବ୍ୟବସ୍ଥା ଅବ୍ୟାହତ ରଖିବା ପାଇଁ ଗୋଟିଏ ବୈଷୟିକ ଦଳ ସଜାଗ ରହିଛନ୍ତି। ୧୮୧୫ ଗୋଟି ପଲିଥିନ ପ୍ୟାକେଟ ମହଜୁଦ ରହିଛି। ବର୍ଷା ଓ ପବନ ଯୋଗୁ ବିଦ୍ୟୁତ ଯୋଗାଣ ବ୍ୟାହତ ହେବାର ଆଶଙ୍କା ଥିବାରୁ ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ଅନୁଷ୍ଠାନ ପାଖେ ପର୍ଯ୍ୟାପ୍ତ ସଚଳ ଡ଼ିଜି ସେଟ ମହଜୁଦ ରଖାଯାଇଛି। ସ୍ୱାସ୍ଥ୍ୟ ସେବା ପାଇଁ ୩୨, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ୧୩, ପେଟ୍ରୋଲ ପମ୍ପରେ ୧୬୦, ପୋଲିସ ଷ୍ଟେଶନରେ ୪ ଓ ନଗରପାଳିକା ନିକଟରେ ୫ ଗୋଟି ଡ଼ିଜି ସେଟ ମହଜୁଦ ରହିଛି। ବିପର୍ଯ୍ୟୟ ସମୟରେ ବିଦ୍ୟୁତ ସରବରାହ ପୁନଃ ସଂଯୋଗ ହେବା ପର୍ଯ୍ୟନ୍ତ ସେବା ପ୍ରଦାନ ନିରନ୍ତର ହୋଇପାରିବ। ସେହିପରି କେନ୍ଦୁଝର ଜିଲାରେ ଗୋଟିଏ ଏନଡିଆରଏଫ ଟିମ୍ ମୁତୟନ ହୋଇଥିବା ବେଳେ ୧୪ ଫାୟାର ସର୍ଭିସ ଟିମ୍ ମୁତୟନ ହୋଇଥିବା ଜଣାପଡ଼ିଛି।

## ବାତ୍ୟାକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ

**ଭୟଭୀତ ନ ହେବାକୁ ସରପଞ୍ଚଙ୍କ ସଚେତନତା**



ସରପଞ୍ଚ ଲୋକଙ୍କ ଘରକୁ ଯାଇ ସଚେତନ କରୁଛନ୍ତି।

ରାମଚନ୍ଦ୍ରପୁର,୨୩।୧୦(ଗଣେଶ୍ୱର ସା)

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ଚାଷୀଙ୍କ ମନରେ ଛନକା ପଶିଛି। ବର୍ଷା ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ଥିବା ଚାଷ ଜମିଗୁଡ଼ିକ ପ୍ରଭାବିତ ହେବ। ଧାନ ପାଚି ଆସୁଥିବା ବେଳେ ବାତ୍ୟା ଓ ବର୍ଷା ହେଲେ ଫସଲ ନଷ୍ଟ ହେବା ଚିନ୍ତାରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବାତ୍ୟା ଭୟରେ ଅଧା ପାଚିଲା ଧାନକୁ ଚାଷୀ କାଟି ନେଉଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ବ୍ଲକ୍ ଅଧୀନରେ ଥିବା ପଞ୍ଚୁପଲ୍ଲୀ, ବାଇଲୋ, ହରିଡ଼ାପାଳ, ବେଲବାହାଲି ପଞ୍ଚାୟତ ପୂର୍ବରୁ ବନ୍ୟା, ବାତ୍ୟାର ଅଞ୍ଚଳ ବୋଲି କୁହାଯାଏ। ୧୯୯୯ରେ ଅଞ୍ଚଳଗୁଡ଼ିକରେ ବାତ୍ୟା ତାଣ୍ଡବ ରଚିଥିଲା। ବର୍ତ୍ତମାନ ରାଜ୍ୟ ସରକାର ବାତ୍ୟାକୁ ଆଖି ଆଗରେ ରଖି ତତ୍ପରତା ଦେଖାଇଥିବା ବେଳେ ବେଲବାହାଲି ସରପଞ୍ଚ ଦୀପ୍ତି ସାହୁ ଓ ହରିଡ଼ାପାଳର ସରପଞ୍ଚ ମିନତୀ ମହାରଣା ବାତ୍ୟାର ପ୍ରଭାବିତ ଗାଁଗୁଡ଼ିକୁ ଯାଇ ଭୟଭୀତ ନ ହେବାକୁ ସଚେତନ କରୁଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି।

## ୧୯ ହଜାରରେ ମା'ଙ୍କ ପାଟଶାଢ଼ୀ ନିଲାମ



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପାଟଣା,୨୩।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଗଜଲକ୍ଷ୍ମୀ ପୂଜାର ୫୭ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୬ଷ୍ଠ ଦିନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଶାଢୀକୁ କମିଟି ତରଫରୁ ନିଲାମ କରାଯାଇଥିଲା। ଉକ୍ତ ପାଟ ଶାଢ଼ୀଟି ଗାଁର ଝିଅ ହେନା ସାହୁ ଓ ତାଙ୍କ ସ୍ୱାମୀ ରଞ୍ଜନ କୁମାର ସାହୁ ୧୯,୬୦୧ ଟଙ୍କାରେ ନିଲାମ ଧରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଗୁରୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାୟକ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟା ଅଂଶୁଲତା ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଧାଂଶୁ ଶେଖର ସାହୁ ପରିଚାଳନା କରିଥିବାବେଳେ ବିଚିତ୍ର ସାହୁ ଓ ପ୍ରସନ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପୂଜା କମିଟିର ସଭାପତି ଗୁରୁଦେବ ସାହୁ, ସମ୍ପାଦକ ସତ୍ୟବ୍ରତ ସାହୁ, କୋଷାଧ୍ୟକ୍ଷ ଅଶୋକ ସାହୁ, ସଭ୍ୟ ସନ୍ତୋଷ ସାହୁ, ବିକାଶ ସାହୁ, ପ୍ରମୋଦ ସାହୁ, ପ୍ରତାପ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତୀଙ୍କୁ ବୈତରଣୀରେ ବିସର୍ଜନ କରାଯାଇଛି।

### ତୁରୁମୁଙ୍ଗା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ

## ଘଣ୍ଟ, ଶଙ୍ଖ ଧ୍ୱନିରେ ମା' ମହାଲକ୍ଷ୍ମୀଙ୍କୁ ମେଲାଣି



ଢେଙ୍କିକୋଟ,୨୩।୧୦(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ବ୍ୟବସାୟିକ ବଜାର ଢେଙ୍କିକୋଟଠାରେ ପୂଜା ପାଉଥିବା ମା' ମହାଲକ୍ଷ୍ମୀଙ୍କୁ ମେଲାଣି ଦିଆଯାଇଛି। ମା' ମହାଲକ୍ଷ୍ମୀଙ୍କ ପୂଜାରେ ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିଲା। ବୁଧବାର ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ଭଜନ, କୀର୍ତ୍ତନ, ଘଣ୍ଟ, ହରିବୋଲ, ହୁଳହୁଳି, ଶଙ୍ଖ ଧ୍ୱନିରେ ମେଲାଣି ଦିଆଯାଇଛି। ମେଢ଼କୁ ସାହି ବସ୍ତି ପରିକ୍ରମା କରିବା ସମୟରେ ମାଆ ଭଉଣୀମାନେ ବନ୍ଦାପନା କରିଥିଲେ। ଶେଷରେ ପୁଣ୍ୟତୟା ସୀତା ନଦୀରେ ସନ୍ଧ୍ୟା ୭ଟାରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜିବ ସାହୁ, ଉପଦେଷ୍ଟା ସଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର ସାହୁ, ଉପେନ୍ଦ୍ର ଓଝା ଏବଂ ୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପ୍ତ ହୋଇଥିଲା।

## ଚମ୍ପୁଆରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଚମ୍ପୁଆ,୨୩।୧୦(ମହେଶ୍ୱର ଦାସ)

ସାମ୍ଭାବ୍ୟ ବାତ୍ୟା ଦାନା ପାଇଁ ଚମ୍ପୁଆ ପ୍ରଶାସନ ପ୍ରସ୍ତୁତ ରହିଥିବା ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା କହିଛନ୍ତି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ବାତ୍ୟାର ମୁକାବିଲା ପାଇଁ ବ୍ଲକ୍, ମ୍ୟୁନିସିପାଲଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ଏଥି ସହିତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ପୂର୍ବରୁ ବିଭିନ୍ନ ବିଭାଗର ଉପସ୍ଥିତିରେ ବୈଠକ ଡକାଯାଇ ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କଚ୍ଚା ଘର ଓ ତଳି ଅଞ୍ଚଳର ଲୋକଙ୍କୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କରାଯାଇଥିବା ଆଶ୍ରୟସ୍ଥଳକୁ ଯିବାକୁ ପରାମର୍ଶ ଦିଆଯାଇଛି। ଏହା ସହିତ ଅଗ୍ନିଶମ ବିଭାଗ, ଆରଆଣ୍ଡବି ଏବଂ ଆରଡି ବିଭାଗକୁ ସଜାଗ ରହି ବାତ୍ୟା ଜନିତ କ୍ଷୟକ୍ଷତିକୁ ମୁକାବିଲା କରିବାକୁ କୁହାଯାଇଛି। ଅଧିକ ବର୍ଷା ଓ ପବନ ହେଲେ ବିଦ୍ୟୁତ କାଟ୍ କରାଯିବା ସହିତ କୃଷି ବିଭାଗ ଓ ଉଦ୍ୟାନ ବିଭାଗକୁ ଧାନ ଓ ପରିବା ଆଦିର କ୍ଷତି ଆକଳନ କରିବାକୁ ଉପ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭିନ୍ନକ୍ଷମ, ଗର୍ଭବତୀଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘର ଗଣଧାରଣା

କେନ୍ଦୁଝର,୨୩।୧୦(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ବିଭିନ୍ନ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ବୁଧବାର ସର୍ବଭାରତୀୟ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଗଣଧାରଣାରେ ବସିଛନ୍ତି। ବିଭିନ୍ନ ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ମୁତାବକ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ରିଜର୍ଭ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ୍ ପ୍ରଦାନ ନିୟମ ଅନୁସାରେ ପେନ୍‌ସନ୍ ପ୍ରଦାନ, ସ୍ୱାସ୍ଥ୍ୟବୀମା ପ୍ରିମିୟମରୁ ସେବାକର(୧୮%) ପ୍ରତ୍ୟାହାର କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ସୁଲଭ ହାରରେ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା, ସ୍ୱତନ୍ତ୍ର ଭତ୍ତାକୁ ଦରମା ସହିତ ମିଶାଇ ପେନସନ ସ୍ଥିର କରିବା, ଭାରତୀୟ ବ୍ୟାଙ୍କ ସଂଘ(ଆଇବିଏ) ଅବସରପ୍ରାପ୍ତ କର୍ମଚାରୀ ମହାସଂଘ(ୟୁଏଫ୍‌ବିଆର୍‌ଓ) ସହିତ ସେମାନଙ୍କ ସମସ୍ୟା ସମ୍ବନ୍ଧରେ ସିଧାସଳଖ ଆଲୋଚନା କରିବା ଇତ୍ୟାଦି ସର୍ବଭାରତୀୟ ବ୍ୟାଙ୍କ ମହାସଂଘ (ଆଇବିଏ) ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି। ବ୍ୟାଙ୍କ ଅଫ ଇଣ୍ଡିଆ ଅବସରପ୍ରାପ୍ତ କର୍ମଚାରୀ ସରୋଜ ମହାନ୍ତି ଏବଂ କାଙ୍ଗାଳୀ ଚରଣ ନାଏକ ପରିଚାଳନା କରିଥିବା ବେଳେ ଗଣଧାରଣାରେ ଗୋବିନ୍ଦ ଚନ୍ଦ୍ର ବେହେରା, ଅକ୍ଷୟ ପଟ୍ଟନାୟକ, ସୁଧୀର ମହାପାତ୍ର, ଯୁଗଳ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।




ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ।

## ସିନିୟର ସିଟିଜେନ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଯୋଡ଼ା,୨୩।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳରେ ଥିବା ସିନିୟର୍ ସିଟିଜେନ ସର୍ଭିସେସ ଆସୋସିଏଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହରର ବିଭିନ୍ନ ୱାର୍ଡରୁ ଶତାଧିକ ରୋଗୀ ଯୋଗଦେଇ ରକ୍ତ ନମୁନା ପରୀକ୍ଷା କରିଥିଲେ। ପରେ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଯୋଡ଼ାର ଡାଇଗୋନିଷ୍ଟ ସେଣ୍ଟର ସ୍ପନ୍ଦନ ପାଥୋ ଲାବ ସୌଜନ୍ୟ ମୂଳକ ଭୂମିକା ନିର୍ବାହ କରିଥିବା ବେଳେ ଡା. ସମିତ ପାଲ ମେଡ଼ିସିନ ସ୍ପେଶାଲିଷ୍ଟ (ଏସସିବି) ରୋଗୀଙ୍କୁ ଚିକିତ୍ସା କରିବା ସହିତ ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀ ଯୋଗଦେଇ ତାଙ୍କର ରକ୍ତ ନମୁନା ଯାଞ୍ଚ କରାଇ ଔଷଧ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ସିଟିଜେନ ସର୍ଭିସେସ ଆସୋସିଏଶନର ସଭାପତି ମଦନ ମୋହନ ବାରିକ, ଉପ ସଭାପତି ଅଜୟ ଦେଓ, ସମ୍ପାଦକ ପିତାମ୍ବର ମହାନ୍ତି, ସହ ସମ୍ପାଦକ ଦିଲୀପ ଗୁପ୍ତା, କୋଷାଧ୍ୟକ୍ଷ ଗୋପବନ୍ଧୁ ମୁଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଧର୍ମପରାୟଣାଙ୍କ ପରଲୋକ

ବଉଳା,୨୩।୧୦(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଜଳକଳଙ୍କ ଗ୍ରାମର ମଣିଚରଣ ସେଠୀଙ୍କ ସ୍ତ୍ରୀ ସାବିତ୍ରୀ ସେଠୀ (୯୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁ ଖବର ପାଇଁ ଆଖପାଖ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ପୁଅ ଉପେନ୍ଦ୍ର, ରବିନ୍ଦ୍ର, ନାତୁଣି, ନାତି ସସ୍ମିତା, ଅନିରୁଦ୍ଧ, ପଙ୍କଜିନୀ ଏବଂ ପରିବାର ଲୋକ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଥିଲା।

# ପରିଣତ ବୟସରେ ହାରିନାହାନ୍ତି ୨ ବନ୍ଧୁ

କେନ୍ଦୁଝର,୨୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗୁଜରାଣ ପାଇଁ ରାସ୍ତାକଡ଼ରେ ପତ୍ର, ଦାନ୍ତକାଠି ବିକୁଛନ୍ତି**



ପରିବାରର ବୋଝକୁ ମୁଣ୍ଡାଇ ସହରରେ ବୁଲିବୁଲି ପତ୍ର ଓ ଦାନ୍ତକାଠି ବିକ୍ରି କରୁଛନ୍ତି ୨ ସାଙ୍ଗ। ବୟସ ୭୦ରୁ ୭୫ ହୋଇଥିଲେ ବି ଏବେ ବି ହାର ନ ମାନି ପରିବାର ଚଳାଇବା ପାଇ ନିଜ ବ୍ୟବସାୟ ଜାରି ରଖିଛନ୍ତି। ୨ ସାଙ୍ଗ ହେଲେ ବାଂଶପାଳ ବ୍ଲକ୍ ଠାକୁରଡିହି ଗ୍ରାମରୁ ମହୁଲି ଦେଇ ଓ ଗୁର ଦେହୁରୀ। ଉଭୟେ ପ୍ରତିଦିନ ଆସି ବିକ୍ରିବଟା କରୁଥିବା ବେଳେ ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ପ୍ରକାଶ ଯେ, ମହୁଲି ଓ ଗୁର କେନ୍ଦୁଝର ସହରକୁ ନିୟମିତ ଭାବରେ ଦାନ୍ତକାଠି ଏବଂ ପତ୍ର ବିକ୍ରି କରିବାକୁ ଆସିଥାଆନ୍ତି। ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ ବି ମହଙ୍ଗା ଯୁଗରେ ନିଜ ଖର୍ଚ୍ଚ ମେଣ୍ଟାଇବାକୁ ବ୍ୟବସାୟ କରିବାକୁ କେନ୍ଦୁଝର ସହରକୁ ନିୟମିତ ବ୍ୟବଧାନରେ ଆସୁଛନ୍ତି। ଦାନ୍ତକାଠି ଓ ପତ୍ର ବିକ୍ରିକରି ଯାହା ରୋଜଗାର ହୁଏ ସେଥିରେ ଘର ପାଇଁ ତେଲଲୁଣ, ଅତ୍ୟାବଶ୍ୟକ ସାମଗ୍ରୀ କିଣିନେଇଥାନ୍ତି। ଘରୁ ଚାଲି ଚାଲି ଆସି ରାସ୍ତାରୁ ଅଟୋରେ ୨୦ଟଙ୍କା ଲେଖାଏ ଭଡ଼ା ଦେଇ ଯିବା ଆସିବା କରନ୍ତି। ବାଟରେ ଏବଂ ବଜାରରେ ଦୁଃଖସୁଖ ହେବା ସହ ଭାବର ଆଦାନ ପ୍ରଦାନ କରି ସମୟ କଟାଇଦିଅନ୍ତି। ୨ ଜଣ ମିଶି ଆସିଥାନ୍ତି ଏବଂ ଘରକୁ ଫେରନ୍ତି। ଏଭଳି ବୟସରେ ସେମାନଙ୍କ ଅବସ୍ଥାକୁ ଦେଖି ଅନେକେ ଭାବବିହ୍ୱଳ ହୋଇ ପଡୁଥିବା ବେଳେ କେତେକେ ପ୍ରେରିତ ହେଉଛନ୍ତି। ଯେଉଁ ବୟସରେ ନାତିନାତୁଣୀଙ୍କ ସହ ଖେଳିବା ଓ ଘରେ ବସି ରହିବା କଥା, ସେହି ବୟସରେ ୨ ଜଣ କେନ୍ଦୁଝର ଆସି ଓ ସାମଗ୍ରୀ ବିକ୍ରିକରି ରୋଜଗାର କରି ଫେରୁଛନ୍ତି ବୋଲି ବ୍ୟବସାୟୀ ଅନୀଲ ଶଙ୍କର କହିଛନ୍ତି। ଉଭୟଙ୍କ ସ୍ୱାମୀଙ୍କର ସ୍ୱର୍ଗବାସ ହୋଇଯାଇଛି। ବହୁ କଷ୍ଟରେ ପିଲାଙ୍କୁ ବଡ଼ କରିଥିବା ବେଳେ ଏବେ ସେମାନେ ନିଜେ ଚଳୁଛନ୍ତି ବୋଲି ମହୁଲି ଦେଇ କୁହନ୍ତି। ସମାନ ଭାବେ ଗୁର ଦେହୁରୀ କହିଛନ୍ତି, ସ୍ୱାମୀଙ୍କ ଦେହାନ୍ତ ପରେ ଦୁଃଖକଷ୍ଟରେ ପୁଅକୁ ବଡ଼ କରିଥିଲେ। ପୁଅବୋହୂ ଖାଇବାକୁ ଦେଉଛନ୍ତି। ଭତ୍ତା ଟଙ୍କାରେ ମହଙ୍ଗା ଯୁଗରେ ଘର ଚଳାଇବା ସହ ଚିକିତ୍ସା ପାଇଁ ଔଷଧ କିଣିବା ସୁବିଧା ହେଉନାହିଁ। ଏଣୁ ଶେଷ ବଳ ବୟସ ଥିବା ପର୍ଯ୍ୟନ୍ତ ଏଭଳି ଘଟୁଥିବ । ଆମ ଭଳି ବହୁ ବୃଦ୍ଧାବୃଦ୍ଧ ଖଟୁଥିବା ସେମାନେ କହିଛନ୍ତି।

## ଖବରଦାତା ସଂଘର ବୈଠକ



ବୈଠକରେ ଉପସ୍ଥିତ ଖବରଦାତାମାନେ।

ମୋରଡ଼ା,୨୩।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ସାମ୍ବାଦିକ ସଙ୍ଘ, ଚିତ୍ରଡ଼ା ପକ୍ଷରୁରୁ ବାତ୍ୟା 'ଦାନା'ର ମୁକାବିଲା ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚିତ୍ରଡାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଣଜିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ତତ୍ପର ଥିବାବେଳେ ପ୍ରଶାସନ ଏବଂ ସାଧାରଣ ଜନତାଙ୍କୁ ସଂଘ ଶତ ପ୍ରତିଶତ ସହଯୋଗ କିପରି କରିପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସାମ୍ବାଦିକ ବିଶ୍ୱବନ୍ଦନ ବେହେରା, ଦୀପକ କୁମାର ବେହେରା, ରବୀନ୍ଦ୍ର ମହାନ୍ତ, ମନୋଜ ବେହେରା, ଜ୍ଞାନରଞ୍ଜନ ବେହେରା, ରଜତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ପଞ୍ଚଲିଙ୍ଗେଶ୍ୱର ପୀଠରେ ପାଣିପମ୍ପ ଅଚଳ**

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ବ୍ଲକ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ସର୍ବନିମ୍ନ ମୌଳିକ ସୁବିଧା ପାଣି ପାଇବାରେ ପର୍ଯ୍ୟଟକ ସମେତ ସ୍ଥାନୀୟ ଦୋକାନୀମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ମାସେ ହେବ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ନିର୍ମିତ ପାଣିପମ୍ପର ଷ୍ଟାର୍ଟର ଖରାପ ହୋଇଥିବା ଯୋଗୁ ଏକପ୍ରକାର ଅଚଳ ହୋଇପଡ଼ିଛି। ଏନେଇ ବାରମ୍ବାର ଅଧିକାରୀଙ୍କୁ ଜଣାଯାଇଥିଲା ମଧ କୌଣସି ସୁଫଳ ମିଳିପାରିନାହିଁ। ୧ ମାସ ଧରି ପମ୍ପ ଅଚଳ ହେବା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

## ବାଲେଶ୍ୱର

# ଓଡ଼ିଶା, ପଶ୍ଚିମବଙ୍ଗ ଉପକୂଳରେ ହାଇ ଆଲର୍ଟ

**ଭୋଗରାଇ, ୨୩।୧୦(ପ୍ରଦୀପ ଦାସ)**


ଉଦୟପୁର ବେଳାଭୂମି।

- ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍
- ପାଗର ଅବନତି, ବର୍ଷା ଆରମ୍ଭ
- ତଟରକ୍ଷୀ ବାହିନୀ, ଏନ୍‌ଡିଆରଏଫ, ଅଗ୍ନିଶମ ଓ ଓଡ୍ରାଫ ଟିମ୍ ମୁତୟନ
- ସୁରକ୍ଷା ପାଇଁ ଡାକବାଜିଯନ୍ତ୍ରରେ ପ୍ରଚାର

ପୂର୍ବ ମଧ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ 'ଦାନା' ସାମୁଦ୍ରିକ ଝଡ଼ ଅତି ଭୀଷଣ ବାତ୍ୟା ରୂପନେଇ ପଶ୍ଚିମ ଉତ୍ତରଦିଗକୁ ଅଗ୍ରସର ହେଉଥିବା ପାଣିପାଗ ବୈଜ୍ଞାନିକମାନେ ସୂଚନା ଦେଉଥିବା ବେଳେ ବାତ୍ୟା ମୁକାବିଲା ପାଇଁ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ୨ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ଏଥିସହିତ ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ଉପକୂଳରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ସମ୍ଭାବ୍ୟ ବାତ୍ୟା କେନ୍ଦ୍ରାପଡା, ରାଜନଗର କିମ୍ବା ଧାମରା ପାଖାପାଖି ଲ୍ୟାଣ୍ଡଫଲ କରିବାର ଆଶଙ୍କା ଥିବା ଆଇଏମ୍‌ଡି କହୁଥିବା ବେଳେ ଏହି ଭୀଷଣ ବାତ୍ୟା ଓଡ଼ିଶା ଉପକୂଳ ଓ ପଶ୍ଚିମବଙ୍ଗ ଅତିକ୍ରମ କରିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପ୍ରଚାର କରୁଛନ୍ତି।

ଏଭଳି ସ୍ଥିତିରେ ଓଡ଼ିଶାର ପାରାଦ୍ୱୀପ, ଧାମରା, ପଶ୍ଚିମବଙ୍ଗର ସାଗରଦୀପ, ହଳଦିଆ ଓ କୋଲକାତାରେ ୧ ନଂ. ବିପଦସଂକେତ ଜାରି କରାଯାଇ ଲାଲ୍ ପତାକା ପୋତାଯାଇଛି। ସାମୁଦ୍ରିକ ଝଡ ଉପକୂଳମୁହାଁ ହେଉଥିବାରୁ ସମୁଦ୍ର ଅଶାନ୍ତ ହୋଇଛି। ବୁଧବାର ସମୁଦ୍ରର ଉତ୍ତାଳ ଢେଉ ଭୟଙ୍କର ରୂପନେଇ କୂଳ ଆଡକୁ ମାଡିଆସି ଦୀଘା –ତାଳସାରୀ ତଟ ସୁରକ୍ଷା ବନ୍ଧରେ କଚାଡି ହୋଇପଡୁଛି। ଅପରାହ୍ଣ ୨ଟାଠାରୁ ପାଗରେ ଅବନତି ହୋଇଥିବା ବେଳେ ବର୍ଷା ଆରମ୍ଭ ହୋଇଛି। ଧନଜୀବନ ସୁରକ୍ଷା ଲାଗି ବେଳାଭୂମିରେ ମତ୍ସ୍ୟ ଓ ପ୍ରଶାସନ ପକ୍ଷରୁ କୂଳବାସୀଙ୍କୁ ଉଚ୍ଚ ତଥା ବାତ୍ୟାଶ୍ରୟସ୍ଥଳୀକୁ ଚାଲିଯିବା ସହିତ ସମୁଦ୍ରକୁ ନ ଯିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ବାଲେଶ୍ୱର ଉପକୂଳ ବିଭିନ୍ନ ସ୍ଥାନରେ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ ମୁତୟନ ଥିବାବେଳେ ପଶ୍ଚିମବଙ୍ଗ ଦୀଘା ଉପକୂଳରେ ମଧ ଅନୁରୂପ ଭାବେ ସମସ୍ତ ବିଭାଗକୁ ସଜାଗ ରଖାଯାଇଛି। ଭୋଗରାଇ ବ୍ଲକର ସମୁଦ୍ରକୂଳିଆ ଗାଁର ସହସ୍ରାଧିକ ଲୋକଙ୍କୁ ଅଣାଯାଇ ବାତ୍ୟାଶ୍ରୟସ୍ଥଳୀରେ ପ୍ରଶାସନ ରଖିଥିବା ସୂଚନା ମିଳିଛି। ସ୍ଥିତି ଦେଖି ଅଧିକ ଲୋକଙ୍କୁ ୨୨ଟି ବାତ୍ୟାଶ୍ରୟସ୍ଥଳୀକୁ ନିଆଯିବାର ବ୍ୟବସ୍ଥା ହେଉଛି । ବାଲେଶ୍ୱର ଡେପୁଟି କଲେକ୍ଟର ନାରାୟଣ ହେମ୍ବ୍ରମ, ପିଡି ବିଶ୍ୱରଞ୍ଜନ ନାୟକ, ବିଡିଓ ହିମାଂଶୁ ଶେଖର ଗିରି, କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ଇଂ. ସୁଦୀପ୍ତ କୁମାର ରାଉତ ସହ ବିଭାଗୀୟ ଅଧିକାରୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି ପ୍ରମୁଖ ଭୋଗରାଇ ବିଭିନ୍ନ ବାତ୍ୟାଶ୍ରୟସ୍ଥଳୀ ପରିଦର୍ଶନ କରିବା ସହିତ ଜିରୋ କାଜୁଏଲଟିକୁ ଗୁରୁତ୍ୱ ଦେଇଛନ୍ତି। କୂଳରେ ଶତାଧିକ ମାଛଧରା ଟ୍ରଲର, ଡ଼ଙ୍ଗା ଓ ଜାଲକୁ ମତ୍ସ୍ୟଜୀବୀମାନେ ସୁରକ୍ଷିତ ରଖିଥିବା ବେଳେ ଏହି ବାତ୍ୟା ଚାଷୀକୁଳ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେବ ବୋଲି ଆଶଙ୍କା କରାଯାଇଛି।

# ସତର୍କ ରହିବାକୁ ପରାମର୍ଶ

## ବାତ୍ୟା ମୁକାବିଲା ପାଇଁ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

**ବାଲେଶ୍ୱର, ୨୩।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଏସ୍‌ପି ରାଜ ପ୍ରସାଦଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଏଥିସହ ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ନିଜ ନିଜ ଅଞ୍ଚଳର ସ୍ଥାନାନ୍ତରର ସ୍ଥିତି ଏବଂ ପ୍ରସ୍ତୁତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ଆକଳନ କରାଯିବା ସହିତ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିର ବିଭିନ୍ନ ଦିଗକୁ ସତର୍କତାର ସହ ସମୀକ୍ଷା କରାଯାଇଥିଲା। ଏଥିସହିତ ସ୍ଥାନାନ୍ତର ପ୍ରକ୍ରିୟା, ଉଦ୍ଧାରକାରୀ ଦଳ ମୁତୟନ, ବାତ୍ୟା ଆଶ୍ରୟସ୍ଥଳୀ ଓ ବିକଳ୍ପ ସୁରକ୍ଷିତ ଆଶ୍ରୟସ୍ଥଳୀ ଉପରେ ଯୋଜନା ପ୍ରସ୍ତୁତ ହୋଇଥିଲା। ଜନସାଧାରଣଙ୍କ ସୁରକ୍ଷା ସହ ବୟସ୍କ ନାଗରିକ, ଗର୍ଭବତୀ ଏବଂ ଭିନ୍ନକ୍ଷମଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆବଶ୍ୟକସ୍ଥଳେ ଅଙ୍ଗନୱାଡ଼ି ଦିଦିଙ୍କୁ ନିୟୋଜିତ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ସମସ୍ତ ଆଶ୍ରୟସ୍ଥଳୀରେ ଯେପରି ସ୍ଥାନାନ୍ତରିତ ଜନସାଧାରଣଙ୍କୁ ଠିକ୍ ସମୟରେ ଖାଦ୍ୟ ଯୋଗାଇ ଦିଆଯିବ ସେଥିପ୍ରତି ଧ୍ୟାନ ଦେବାପାଇଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ଶତପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକର ତଦାରଖ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସମସ୍ତ ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖାଯାଇଛି। ଆନ୍ତଃ ବିଭାଗୀୟ ସମନ୍ୱୟର ଗୁରୁତ୍ୱ ଉପରେ ଚକ୍ରବର୍ତ୍ତୀ ଗୁରୁତ୍ୱାରୋପ କରିବା ସହ ଅଧିକ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଥାଉ କି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସକ୍ରିୟ କରାଯାଇଛି। ଜିଲା ପ୍ରଶାସନକୁ ସହଯୋଗ କରିବା ସହ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।


ବୈଠକରେ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ।

# ୭୫ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହେବେ ଲୋକେ

**ଖଇରା, ୨୩।୧୦(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୩୭ ପଞ୍ଚାୟତରେ ମୋଟ ୭୫ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ନଦୀକୂଳିଆ ଝାଟିମାଟି ଘରେ ରହୁଥିବା ଲୋକଙ୍କୁ ରାତିସୁଦ୍ଧା ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ଅଧିକ ପ୍ରଭାବିତ ହେବାକୁ ଥିବା ନଦିକୂଳିଆ ୧୫ଟି ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ଗୋଟିଏ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରିତମାନଙ୍କ ପାଇଁ ରନ୍ଧାଖାଦ୍ୟ ଓ ଆବଶ୍ୟକସ୍ଥଳେ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳଗୁଡିକର ତଦାରଖ ପାଇଁ ନିର୍ବାହୀ ଅଧିକାରୀ, ଗ୍ରାମସେବକମାନଙ୍କୁ ଦାୟିତ୍ୱରେ ରଖାଯାଇଛି । ବ୍ଲକ ସ୍ତରରେ ମଧ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଛୁଟି ବାତିଲ କରାଯିବା ସହ ବାତ୍ୟା ଆଶ୍ରୟସ୍ଥଳଗୁଡିକରେ ମନିଟରିଂ ପାଇଁ ବନ୍ଦୋବସ୍ତ କରାଯାଇଛି। ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଜିତେନ୍ଦ୍ର ମୁର୍ମୁ ତଥା ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କୁ ନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ପ୍ରତ୍ୟେକ ବନ୍ୟାର କାରଣ ସାଜିଥିବା ସାରକୋଣା ନିକଟସ୍ଥ ଆମ୍ବହତା କେନାଲ ନିକଟରେ ଉଭୟ ବିଡିଓ ଓ ତହସିଲଦାର ପହଞ୍ଚି ସ୍ଥିତି ପରଖିଛନ୍ତି। ସେପଟେ ଆଳୁ ୪୦ ଟଙ୍କା, ବିଲାତି ୭୦ ଓ ପିଆଜ ୬୦ଟଙ୍କା ଟପିଛି। ଲୋକମାନେ ଅଧୈର୍ଯ୍ୟ ନ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# '୨୧୧ ଗାଁର ୨ଲକ୍ଷ ୪ହଜାର ଲୋକଙ୍କ ଲାଗି ସୁରକ୍ଷା ବ୍ୟବସ୍ଥା'

**ଜଳେଶ୍ୱର, ୨୩।୧୦(ରବିନାରାୟଣ ପାତ୍ର)**

ବାତ୍ୟା ଦାନାର ଭୟାବହତା ସମ୍ପର୍କରେ ସରକାର ଓ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ଜଳେଶ୍ୱର ବ୍ଲକରେ ବ୍ୟାପକ ବ୍ୟବସ୍ଥା ହୋଇଛି । ଏଥିରେ ୩୫ ପଞ୍ଚାୟତର ୨୫୭ ଗାଁ ମଧ୍ୟରୁ ୨୧୧ ଗାଁର ୨, ୦୪, ୦୯୦ ଲୋକଙ୍କୁ ସୁରକ୍ଷା ଯୋଗାଇବା ଲାଗି ବ୍ୟବସ୍ଥା ହୋଇଥିବା ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ବିଡିଓ ବିନୋଦ ପଣ୍ଡା ସୂଚନା ଦେଇଛନ୍ତି ।

ବ୍ଲକ ଅଧୀନ ୩ଟି ବହୁମୁଖୀ ଆଶ୍ରୟସ୍ଥଳ ଗୁଆଗଡିଆ, ନେତୁଆ ପଞ୍ଚାୟତର ନେତୁଆ ଓ ପଶ୍ଚିମବାର୍ଡରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଠାରେ ବୁଧବାର ସନ୍ଧ୍ୟା ସୁଦ୍ଧା ୯ଶହ ଲୋକଙ୍କୁ ଥଇଥାନ କରାଯାଇଥିବା ବିଡିଓ ପ୍ରକାଶ କରିଛନ୍ତି। ସେହିପରି ୮୩ଟି ସ୍କୁଲ ଗୃହକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ଗଣନା କରାଯାଇ ସେଠାରେ ୨,୦୪,୦୯୦ ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯିବା ବ୍ୟବସ୍ଥା ହୋଇଥିବା ସମ୍ପର୍କରେ ଜିଲା ନୋଡାଲ ଅଫିସର ଶିବବ୍ରତ ନାୟକ ଏଠାରେ ଡେରା ପକାଇଥିବା ଅବସରରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଶୁଖିଲା ଖାଦ୍ୟ ଗୁଡ ଓ ଚୂଡା ଦିଆଯାଇଥିବା ବେଳେ ରନ୍ଧାଖାଦ୍ୟ ବ୍ୟବସ୍ଥା ହୋଇଛି। ଜିରୋ କାଜୁଆଲିଟିକୁ ଏଡାଇବା ପାଇଁ ସମସ୍ତ କଚ୍ଚାଗୃହରୁ ଲୋକମାନଙ୍କୁ ଅପସାରଣ କରି ଆଶ୍ରୟସ୍ଥଳୀରେ ପହଞ୍ଚାଇବା ଲାଗି ମାଇକ୍‌ରେ ପ୍ରଚାର କରାଯାଉଛି। ସେହିପରି କଚ୍ଚା ଘରେ ରହୁଥିବା ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ଭାବେ ରଖିବା ପାଇଁ ବ୍ୟବସ୍ଥା ହୋଇଛି। ଜଳେଶ୍ୱର ବ୍ଲକ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନୋଡାଲ ଅଫିସର ଭାବେ ଡବ୍ଲ୍ୟୁଇଓ ସଜତ ଅନୁପମଙ୍କୁ ନିୟୋଜିତ କରାଯାଇଛି । ସମଗ୍ର ବ୍ଲକକୁ ୪ଟି ଜୋନରେ ଭାଗ କରି ଜଣେ ଲେଖାଏ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ସମଗ୍ର ବ୍ଲକ ଅଞ୍ଚଳରେ ଥିବା ୪୭ଜଣ ଆସନ୍ନପ୍ରସବା ଗର୍ଭବତୀଙ୍କୁ ହସ୍‌ପିଟାଲରେ ରଖାଯାଇଥିବା ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଧୀକ୍ଷକ ଭୀଷ୍ମଚରଣ ପରିଡା କହିଛନ୍ତି। ବ୍ଲକ ଅଞ୍ଚଳରେ ଥିବା ୨୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ଚିକିତ୍ସା ଲାଗି ଔଷଧ ମହଜୁଦ ରଖାଯାଇଛି । ବିଧାୟକ ଅଶ୍ୱିନୀ ପାତ୍ର ୩ଟି ବାତ୍ୟା ଆଶ୍ରୟସ୍ଥଳୀ ଓ କେତେକ ସ୍କୁଲ ବୁଲି ଦେଖିଥିଲେ। ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ଆଲୋକ, ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ନ ଥିବା ସେ ପ୍ରଶାସନକୁ ଅବଗତ କରାଇଛନ୍ତି ।

# ଔପଦା: ୩୪ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ବ୍ୟବସ୍ଥା

**ଔପଦା, ୨୩।୧୦(ଧରିତ୍ରୀ ପଣ୍ଡା)**

ବାତ୍ୟା 'ଦାନା'କୁ ନେଇ ଔପଦା ବ୍ଲକସ୍ତରୀୟ ୧୧ଟି ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ୩୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବା ବେଳେ ତଳିଆ ଅଞ୍ଚଳ ସହ କଚ୍ଚା ଘର ପାହାଡ଼ି ଅଞ୍ଚଳରୁ ୨୪୮୪ ଲୋକଙ୍କୁ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା କରାଯାଇଛି। ବାତ୍ୟାକୁ ନେଇ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପାଇଁ ଖାଉଟିମାନେ ଆର୍ଥିକ ଶୋଷଣ ହେଉଥିବା ଜଣାଯାଇଛି। ବ୍ଲକରେ ଥିବା ୧୧ଟି ପଞ୍ଚାୟତ ମଧ୍ୟରୁ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସର୍ବାଧିକ ୬ଟି ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଥିବା ବେଳେ ବିଭିନ୍ନ ପଞ୍ଚାୟତରେ ଥିବା ସ୍କୁଲଗୁଡିକ ପ୍ରସ୍ତୁତ ରହିଥିବା ବ୍ଲକ ପକ୍ଷରୁ କୁହାଯାଇଛି। ପ୍ରତି ପଞ୍ଚାୟତରେ ନିଯୁକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ମାନେ ସଜାଗ ଥିବା ବେଳେ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ସହଯୋଗ କରିବେ ବୋଲି କୁହାଯାଇଛି। ବାତ୍ୟାର ସୂଚନା ପାଇଁ ବ୍ଲକ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ବେଳେ ବିଡିଓ, ତହସିଲଦାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜିପିଓ ପରିଚାଳନା କରିବେ ବୋଲି ଜିପିଓ ଦୀପକ ମହନି କହିଛନ୍ତି। ବାତ୍ୟା ଦାନା ପାଇଁ ଲୋକେ ଆତଙ୍କିତ ଥିବା ବେଳେ ଏହି ସୁଯୋଗରେ ଆଳୁ କିଲୋଗ୍ରାମ ପ୍ରତି ୪୦ ଟଙ୍କା, ବିଲାତି ୮୦, ବାଇଗଣ ୮୦, ପୋଟଳ ୮୦, କଲରା ୮୦, ମୂଳା ୬୦, ଭେଣ୍ଡି ୬୦ରେ ବିକ୍ରି କରାଯାଉଥିବାରୁ ସାଧାରଣ ଲୋକମାନେ ଶିକାର ହେଉଥିବା ବେଳେ ପ୍ରଶାସନ ଦର ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ବାତ୍ୟା ପ୍ରଭାବରେ ଔପଦାରେ ସନ୍ଧ୍ୟା ୬ଟାଠାରୁ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଯାଇଛି। ଔପଦା ପାହାଡ଼ି ଅଞ୍ଚଳ ହୋଇଥିବାରୁ ପାହାଡ଼ ପାଖରେ ଥିବା ଜନବସତି ସ୍ଥାନରେ ଯେପରି ଧନଜୀବନ ହାନି ନ ଘଟେ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ବାତ୍ୟା ପ୍ରଭାବରେ ବର୍ଷା ଆରମ୍ଭ

ସୋର, ୨୩।୧୦(ଜନ୍ମେଜୟ ମିଶ୍ର)– ବାତ୍ୟା 'ଦାନା' ପ୍ରଭାବରେ ସୋରରେ ବର୍ଷା ଆରମ୍ଭ ହୋଇଥିଲା। ଭୟରେ ଲୋକେ ଘରେ ରହିଥିବା ଜଣାପଡିଛି। ଘରେ ସମସ୍ତେ ଖାଦ୍ୟ ସାମଗ୍ରୀ ଓ ପରିବା ମହଜୁଦ୍ ରଖିଛନ୍ତି। ବାତ୍ୟା ଆଶଙ୍କାରେ ପରିବା ଦର ଆକାଶଛୁଆଁ ହୋଇଛି। କଲରା ୧୦୦ରୁ ୧୨୦ଟଙ୍କା, ବାଇଗଣ ୮୦ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ଟଙ୍କା, କାଙ୍କଡ଼ ୧୦୦ଟଙ୍କା, ଟମାଟୋ ୮୦ଟଙ୍କା, ବନ୍ଧାକୋବି ୬୦ ଟଙ୍କା, ସଜନାଛୁଇଁ ୨୦୦, କୋଶଳା ଶାଗ ୧୦୦ ଟଙ୍କା ହୋଇଛି। ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତଳିଆ ଅଞ୍ଚଳ ଜନସାଧାରଣଙ୍କୁ ରଖିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ସ୍କୁଲ ଓ କଲେଜ ଆଦି ବ୍ୟବସ୍ଥା କରାଯାଇଛି।

# ବାତ୍ୟା ଆଶ୍ରୟସ୍ଥଳୀ ସ୍ଥିତି ପରଖିଲେ ଜିଲାପାଳ

## ଅପରିଷ୍କାର ଦେଖି ଅସନ୍ତୋଷ ବ୍ୟକ୍ତ କଲେ

**ବାହାନଗା, ୨୩।୧୦(ଅରୂପ୍ କୁମାର ଦାସ)**


ବାତ୍ୟା ଆଶ୍ରୟସ୍ଥଳୀରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅନ୍ୟ ଅଧିକାରୀମାନେ।

ସାମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ପ୍ରଶାସନ ଜୋରଦାର ଉଦ୍ୟମ ଜାରିରଖିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବାତ୍ୟା ହେବାର ଦିନ ଯେତେ ପାଖେଇ ଆସୁଛି ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ବାତ୍ୟାରେ ଲୋକଙ୍କ ଜୀବନ ସୁରକ୍ଷା ନିମନ୍ତେ ସେମାନେ ଯେପରି ସୁରକ୍ଷିତ ସ୍ଥାନରେ ରହିବେ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉଛି। ଉପକୂଳବର୍ତ୍ତୀ ଗ୍ରାମଗୁଡିକରେ ନିର୍ମିତ ହୋଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତ ପରଖିଥିଲେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିକ୍ରେ, ବିଡିଓ ରବୀନ୍ଦ୍ର କୁମାର ସେଠୀ, ତହସିଲିଦାର ସସ୍ମିତା ମୁର୍ମୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, ପିଇଓ ପ୍ରମୁଖ ବ୍ଲକ ଅଧିକାରୀମାନେ ବାହାନଗା ବ୍ଲକ ଅଞ୍ଚଳର ସମୁଦ୍ର କୂଳବର୍ତ୍ତୀ ଗ୍ରାମରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସେଗୁଡିକର ସ୍ଥିତି ପରଖିଥିଲେ। ତେବେ ବାହାନଗା ବ୍ଲକର ଅଭଣାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ଅବ୍ୟବସ୍ଥା ସମେତ ଅପରିଷ୍କାର ହୋଇଥିବା ଦେଖିବାକୁ ପାଇଥିଲେ ଜିଲାପାଳ। ସେହିପରି ଖରାସାହାପୁର ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ପାଣିର ଅବ୍ୟବସ୍ଥା ଓ ଅପରିଷ୍କାର ଦେଖିବାକୁ ପାଇଥିଲେ। ପଞ୍ଚୁବିଷା ମତ୍ସ୍ୟଧରା କେନ୍ଦ୍ର ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ମଧ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ବୁଲି ଦେଖିଥିଲେ। ଦ୍ୱିପ୍ରହରରେ ଉପକୂଳବର୍ତ୍ତୀ ଗ୍ରାମର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଆଣି ରହିବାର ବ ବସ୍ଥା କରାଇଥିଲେ। ପରେ ଜିଲାପାଳ ପଳାଇବା ପରେ ଲୋକମାନେ ନିଜ ଘରକୁ ଫେରିଯାଇଥିଲେ।

# ବାତ୍ୟା ମୁକାବିଲା ଲାଗି ସମୀକ୍ଷା ବୈଠକ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା,୨୩।୧୦(ରାଜଶ୍ରୀ ପାଣିଗ୍ରାହୀ), ୨୩।୧୦– ସମ୍ଭାବ୍ୟ ବାତ୍ୟା ଦାନା ମୁକାବିଲା ପାଇଁ ବୁଧବାର ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଲୋକଙ୍କୁ କିପରି ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିବ, ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ମୁକାବିଲା କରାଯିବ, କେହି ଯେମିତି ମୃତାହତ ନ ହେବେ ସେଥିପ୍ରତି ସଜାଗ ରହିବା ନେଇ ଆଲୋଚନା କରାଯାଇଥିଲା। ବସ୍ତା ବିଧାୟିକା ସୁବାସିନୀ ଜେନା, ବିଡିଓ ପୁନମ ରାଉତ, ତହସିଲଦାର ଜନକ କୁମାର ନାୟକ, ବାଲିଆପାଳ ଥାନା ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ, ଉପାଧକ୍ଷ ରାଜେଶ ଚୌଧୁରୀଙ୍କ ସହିତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ଅଧିକାଂଶ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ୯୦ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ୨୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ ବ୍ୟବସ୍ଥା କରାଯାଇଥିବା ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମାଙ୍କଡ଼ା ବୋଝେଇ ଟ୍ରାକ୍ଟର ଜବତ



ଖଇରା,୨୩।୧୦(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ରରେ ଦୀର୍ଘଦିନ ଧରି ମାଙ୍କଡା ପଥର ମାଫିଆମାନେ ସକ୍ରିୟ ହୋଇପଡିଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ରାଜସ୍ୱ ନିରୀକ୍ଷକ ଚନ୍ଦ୍ରଶେଖର ପଣ୍ଡା ପଙ୍ଗାଗଡିଆ ଗ୍ରାମ ନିକଟରୁ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରି ତହସିଲଦାରଙ୍କୁ ହସ୍ତାନ୍ତର କରିଛନ୍ତି। ଜବତର ୧୨ଘଣ୍ଟା ବିତିଯାଇଥିଲେ ହେଁ ଖଣିବିଭାଗ ପାଖରେ ଏନେଇ ସୂଚନା ନାହିଁ । ସେପଟେ ପ୍ରତି ରାତିରେ ଶହ ଶହ ସଂଖ୍ୟାର ଗାଡି ଚାଲାଣ ହେଉଥିଲେ ହେଁ ମାତ୍ର କାଁ ଭାଁ ଚଢାଉ କରାଯିବାକୁ ନେଇ ଉଭୟ ଖଣି ଓ ରାଜସ୍ୱ ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି । ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀଙ୍କୁ ପଚାରିବାରେ ତହସିଲଦାର ହସ୍ତାନ୍ତର କରିବା ପରେ ଜରିମାନା ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ରାଇବଣିଆ ଦୁର୍ଗ ଫାଟକରୁ ଖସୁଛି ପଥର

**ଜଳେଶ୍ୱର, ୨୩।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲାର ସର୍ବପୁରାତନ ରାଇବଣିଆ ଦୁର୍ଗ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ବେଳେ ଏହାର ଉନ୍ନତୀକରଣ ପାଇଁ ଜଳେଶ୍ୱରର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଉଦ୍ୟମ ବଳରେ ୧୬କୋଟି ୮୭ଲକ୍ଷ ଟଙ୍କା ସହିତ ଦୁର୍ଗର ପ୍ରବେଶ ଓ ପ୍ରସ୍ଥାନରେ ୨ଟି ଗେଟ୍ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ନିର୍ମାଣର କିଛି ମାସ ତଳେ ଏହି ଦୁର୍ଗ ଫାଟକରୁ ପଥର ଖସିଥିଲା। ଏହାପରେ ଏହାକୁ ପୁନର୍ବାର କାମ କରାଯାଇଥିଲା। ବୁଧବାର ସକାଳେ ପୁଣି ପଥର ଖସିଥିବା ଦେଖିବାକୁ ମିଳିଛି।

ଉକ୍ତ ସମୟରେ ସ୍ଥାନୀୟ ଅଞ୍ଚଳର ମହିଳା ରେଣୁକା ବେହେରା ଓ ତାଙ୍କର ନାତି ସେହି ସ୍ଥାନରେ ଚଲାବୁଲା କରୁଥିଲେ। ଠିକ୍ ସେହି ସମୟରେ ପଥର ଖସିଥିଲା। ଜେଜେମା' ଓ ନାତି ଅଳ୍ପକେ ବର୍ତ୍ତିଯାଇଥିଲେ। ରାଇବଣିଆ ଦୁର୍ଗର ପୁନରୁଦ୍ଧାର କରିବା ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାଇବଣିଆ ଦୁର୍ଗକୁ ପ୍ରବେଶ ପାଇଁ ଦୁଇଟି ଗେଟ୍ ବାବଦକୁ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଗେଟ୍‌ର କାମ ବର୍ଷେ ପୂରି ନ ଥିଲା ଗେଟ୍‌ରୁ ଖସିଥିଲା ପଥର। ଏହି ଗେଟ୍ ମୁରୁନି ପଥରରେ ହେବାକୁ ଥିବା ବେଳେ ସ୍ଥାନୀୟ ମାଙ୍କଡ଼ା ପଥର ଲଗାଇ ଠିକାଦାର ଟଙ୍କାର ହଡ଼ପ କରିଛନ୍ତି ବୋଲି ଅଭିଯୋଗ କରିଥିଲେ ଗଡ଼ ସୁରକ୍ଷା କମିଟି ଓ ଗଡ଼ଚଣ୍ଡୀ ମନ୍ଦିର ଚାଲିଥିବା ପାଚେରି ସାଙ୍ଗକୁ ଗେଷ୍ଟହାଉସ ମଧ ଅତି ନିମ୍ନମାନର ନିର୍ମାଣ ଚାଲିଛି। ଯାହାକି ଆଗାମୀ ଦିନରେ ଭୁଶୁଡି ଯିବାର ଆଶଙ୍କା ରହିଛି। ଗ୍ରାମବାସୀଙ୍କ ମଧ୍ୟରେ ଆଶିଷ ଘୋଷ, ସଞ୍ଜୀବ ଜେନା, ଦିଗାମ୍ବର ଦାସ, ନାରାୟଣ ଦାସ, ପ୍ରିୟଙ୍କା ବେହେରା, ଅମୂଲ୍ୟ ବେହେରା, ସତ୍ୟରଞ୍ଜନ ବେହେରା, ରାଜା ଦାସ, ଅଜୟ ବେହେରା, ଶ୍ରୀକାନ୍ତ ଚରଣ ପାତ୍ର ଓ ବାଦଲ ସୋରେନ ପ୍ରମୁଖ ଅଭିଯୋଗ କରିଛନ୍ତି।



ରାଇବଣିଆ ଦୁର୍ଗ ଗେଟ୍

# ଶିଶୁ ବିଦ୍ୟାମନ୍ଦିରରୁ ଚୋରି

**ଗୋପବନ୍ଧୁ ନଗର, ୨୩।୧୦**
**(ଶାନ୍ତନୁ କୁମାର ମଣ୍ଡୁଆଳ)**

ଗୋପବନ୍ଧୁ ନଗର ବ୍ଲକ କୁଆଁମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ ନିର୍ମିତ ଗୃହରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ।ନେ ୮ଟି କଲମରୁ ୧୦ ଫୁଟ ଉଚ୍ଚରେ ଛିଡ଼ା ହୋଇଥିବା ମୋଟ ୩୨ଖଣ୍ଡ ରଡ୍ କାଟି ନେଇଛନ୍ତି। ଏ ନେଇ ବିଦ୍ୟାଳୟର ସମ୍ପାଦକ ମନମୋହନ ମହାପାତ୍ର କୁଆଁମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି।

# ବାପାଙ୍କୁ ଆକ୍ରମଣ କରି ପୁଅ ଗିରଫ

ରାଇରଙ୍ଗପୁର, ୨୩।୧୦(ମାନସ ମହାନ୍ତି)– ତିରିଙ୍ଗ ଥାନା ଅନ୍ତର୍ଗତ ତୁଡକାମ ଗ୍ରାମରେ ଗତ ମଙ୍ଗଳବାର ରାତିରେ ଘରୋଇ କଳହକୁ ନେଇ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସଞ୍ଜୟ ଦାସ। ଗୁରୁତର ଅବସ୍ଥାରେ ବାପା ଲକ୍ଷ୍ମୀଧର ଦାସ(୬୫)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

# ମହିଳାଙ୍କ ଆତ୍ମହତ୍ୟା

**ଗୋପବନ୍ଧୁ ନଗର, ୨୩।୧୦**
**(ଶାନ୍ତନୁ କୁମାର ମଣ୍ଡୁଆଳ)**

ଖୁଣ୍ଟା ଥାନା ବାହାନଡ଼ା ପଞ୍ଚାୟତ ଅଁଳାଶୁଳୀ ଗ୍ରାମର ଜଣେ ମହିଳା ବୁଧବାର ବେକରେ ଶାଢୀ ବାନ୍ଧି ଘରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁମନ୍ତ ଜେନାଙ୍କ ସ୍ତ୍ରୀ ଗୀତାଞ୍ଜଳି(୨୬)। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭୫/୨୪) ରୁଜୁ ହୋଇଛି।

